GOVERNMENT OF INDIA
NATIONAL LIBRARY, CALCU[TTA]

Class No. Gr 891.451
Book No. P423s
N. L. 38.
MGIPC—S1—19 LNL/62—27-3-63—100,000

DBA000002159ORI

ସଙ୍ଗୀତ ମଧୁମାଳତୀ ।

ଏଥିରେ ନାନାପ୍ରକାର ସରଳ-ସ୍ୱରିଣୀ ଯୁକ୍ତ ନୂତନ ନୂତନ ସଙ୍ଗୀତମାନ ସନ୍ନିବେଶିତ ହୋଇଅଛି । ନୂତନ ଓ ପ୍ରସିଦ୍ଧ କବିମାନଙ୍କର ଉତ୍କୃଷ୍ଟ ସଙ୍ଗୀତ ଗୁଡ଼ିକ ବହୁକଷ୍ଟ ସହକାରେ ସଂଗ୍ରହ କରି ପ୍ରକାଶ କରାଗଲା ସଙ୍ଗୀତଗୁଡ଼ିକ ଅତ୍ୟନ୍ତ ସରଳ ଭାଷାରେ ହୋଇଥିବାରୁ ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରି ଛାଡ଼ି ହେବ ନାହିଁ ।

ମୂଲ୍ୟ ସତେଷ୍ଣେକ୍କୁ ଟ ୦ ୵ ଦୁଇଅଣା ମାତ୍ର

କର ଓଡ଼ିଷ୍ଟ ଦପାଣିଙ୍କ ଶରଣେ ।

ଶ୍ରୀବତ୍ସ ରାଜା ଗୀତନାଟ୍ୟ	ଟ ୦ ।୵	ଚନ୍ଦ୍ରହାସ୍ୟ ସୁଅଙ୍ଗ	ଟ ୦ ।୵
ହରହୁଲହସ୍ୟ ଗୀତନାଟ୍ୟ	ଟ ୦ ।୵	ଅଭିମନ୍ୟୁବଧ ସୁଅଙ୍ଗ	ଟ ୦ ୵
ନବାସିନ ସୁଜପୁଣ	„ ଟ ୦ ।୵	ଉଷାବସ୍ତ୍ରହରଣ ପୁସ୍ତ	ଟ ୦ ୵
ଅନାଥବାଳକ	„ ଟ ୦ ।୵	ଭଲକଭିଅ ଜୋଳି	ଟ ୦ /
ମେଘନାଦବଧ	„ ଟ ୦ ।୵	କଣ୍ଠୀରାଜା ସୁଅଙ୍ଗ	ଟ ୦ ୵
ଦମ୍ପୀସଙ୍କ	„ ଟ ୦ ।୵	ସଙ୍ଗୀତ ମଧୁମାଳତୀ	ଟ ୦ ୵
ଭଦ୍ୟାସୁଜଲ	„ ଟ ୦ ।୵	ସଙ୍ଗୀତ କୃଷ୍ଣମସାର	ଟ ୦ ୵
ବଳୀରାଜା ସୁଅଙ୍ଗ	ଟ ୦ ୵	ମାଡ୍ରାଅଣୀ ପୁଅମତୁଅ	ଟ ୫ /
ପାର୍ଣ୍ଣ ଭଞ୍ଜୁ କା	ଟ ୦ ।୵	ଲକ୍ଷ୍ମୀପୁରାଣ ସୁଅଙ୍ଗ	ଟ ୦ ।୵
ବସ୍ତ୍ରହରଣ ସୁଅଙ୍ଗ	ଟ ୦ /	ଦନ୍ତିବଧ ସୁଅଙ୍ଗ	ଟ ୦/୬

ନିମ୍ନଠିକଣା
କଟକ
ଯୋ: ଆ: ବୁଢ଼ାଗୌଡ଼ ।

ଶ୍ରୀ ଶ୍ୟାମମୋହନ ଦାସ ।
ଅର୍ଡ଼ର ସପ୍ଲାୟାର
ବଲସାମ କୋର୍ଟ ।

DBA0000021590RI

Or/891.451/P423S
Acc. 2159.. Dated. 28.12.57

FOR FAVOUR OF BINDING

କବି ଶ୍ରୀ ବୈଷ୍ଣବ ପାଣି ଓ

ଶ୍ରୀ ସୁରେନ୍ଦ୍ରନାଥ ରାଏଙ୍କ ବିରଚିତ

ସଙ୍ଗୀତ ଚନ୍ଦ୍ରବଂଶଲତା

ଶ୍ରୀ ଶ୍ୟାମମୋହନ ଦାସଙ୍କ ଦ୍ୱାରା

ଦ୍ୱିତୀୟବାର ପ୍ରକାଶିତ ।

କଟକ ଅରୁଣୋଦୟ ପ୍ରେସରେ ମୁଦ୍ରିତ ।

Printed by Nityananda Sahoo
at the Arunodaya Press
Cuttack
1531

ମୂଲ୍ୟ ୫° ।/ ତିନିଅଣା ମାତ୍ର ।

କବି ଶ୍ରୀ ବୈଷ୍ଣବପାଣି ଓ ସୁରେନ୍ଦ୍ରନାଥ ରାଏ ବିରଚିତ ।

ସଙ୍ଗୀତ ଲଳିତ ଲତା

ପ୍ରଥମ ଭାଗ ।

ଶ୍ରୀ ପ୍ୟାରୀମୋହନ ଦାସଙ୍କ ଦ୍ୱାରା

ଦ୍ୱିତୀୟବାର ପ୍ରକାଶିତ ।

ମୂଲ୍ୟ ଟ ୦ ୷ ଚଉଦଅଣା ମାତ୍ର ।

Or
891.451
P423s
SHELF LISTED
NATIONAL LIBRARY
No. 2159
Date 28-12-57
CALCUTTA
B

ସୂଚିପତ୍ର ।

ବିଷୟ		ପୃଷ୍ଠା
କେ ନବ କେ ନବ ଅସ୍ତ ହେଳୁ ରସିକ ସମାଜ	...	୧
ହସି ବାଣୀ ... ରସିକବର	... ...	୨
ସଖି ମନ୍ଦାର ତାଙ୍କୁ ସମଜାଇ କହ	... ...	,,
... ଶ୍ୟାମଚନ୍ଦ୍ର କାଲି ରହିଲ କା ବାସେ	...	୩
... ଗିରିଧର, ଜାଣିଲୁ ହୃଦୟ ଭ୍ରମର	... ...	,,
ସଇ ସିବନଇ, ଜୀବନେ ନବ ...	... ...	୪
... ରେ, ଚଞ୍ଚଳ ଗତି ଚଳିଲୁ	... ...	,,
... ଲ୍ଟବଳିନ୍ତି ଚନ୍ଦ୍ରବେଶ ଗୋ	... ...	୫
ରାଧା-ପରାଣ ଚେଷ୍ଟନ ଭ୍ରମି ବନ ଅଦେ କଳାକାନ୍ତ	...	୬
ବଳଦେବ ବ୍ରଜବିଜ ବସନ୍ତ ଆସି	... ...	୭
ରୂଷି ବସନା ବସନା ପୁରସାଦର	... ...	,,
ହସି ହସି କୋଲେ ଅସି ବସ ମଦାଳସା ରେ	...	୮
କହ ରେ ଜୀବନ ଧନ କାହିଁକି ମୋଠାରେ ମାନ	...	,,
ଘନ କାଳରେ ଘନ ... ଗଗନ ବରଷଇ ଜଳ	...	୯
କାଳଅଞ୍ଜନା, ଛାଡ଼ ଏବେ ... ସିନ୍ଧୁ ଯମୁନା	...	,,
ମଦନ ଛାଡ଼ ଛାଡ଼ ବାଟ ହେ	... ...	୧୦
ସଙ୍ଗି ରେ, ସଖୀରେ, ମୁରଲୀ ବାଜେ ରେ	...	୧୧
ପ୍ରାଣବନ୍ଧୁ ବନ୍ଦନ ସତ	... ...	୧୨
ଶ୍ୟାମ ସୁନ୍ଦର ଦାସୀ ଦୋଷ ମନେ ନ ଧର	...	,,
ଘନେ କି ଶୋଭା କୁଞ୍ଜବନେ କୁଞ୍ଜବିହାରୀ	...	୧୩
କହ କେଉଁ ଦେଶେ ବାସ ଶିକାର ତୋହର ଗୋ	...	,,
ଭୁଜନାଶ୍ରି ମୁକୁଟମଣି	... ...	୧୪
ଅସ ଅସି ଆସ ଚୋ ଗାଧୋଇ ଯିବା ପଶ୍	...	୧୫
ଆସ ଅସ ଭୁ ଶରଦଶଶୀ ହସି, ହସି ପରକାଶି	...	,,
ତୋଳିଛି ଗୋ କୁସୁମବଣି	... ...	୧୬
ହସି ହସି ... ଅସି ବସ ମୋ ପାଶେ	...	,,
ନ ମାର ପଦ୍ମୋଦରେ କହାଇ ମୋ ଅଙ୍ଗେ	...	୧୭
ପ୍ରହରି ... ମୋର କଳାମାଳ	... ...	,,

ବିଷୟ	ପୃଷ୍ଠା
ବାଜଇ ଲୋ ସଖି ନିକୁଞ୍ଜ ବନେ ବଂଶୀ	୧୮
ଏ ପଥେ ଯାଇଛି ପର ମୁରଲୀଧର	"
ଏକାହୋଇ କାହିଁ ପାଇଁ ବସିଛୁ କହ୍ନାଇ	୧୯
କି ମୋହନ ମନ୍ତ୍ର କରି ଜାଣୁରେ, କଳାକାହ୍ନ ...	୨୦
ରଥେ କାଲି ଛାଡ଼ ଗୋପପୁର	[illegible]
କ୍ଷଣେ କେ ରସିକ ବର ରମଣୀ ପାଖରେ	୨୧
କାଳିଆ କାହ୍ନୁ, ତେଜିଲେକି ସଜନୀ ମୋତେ ...	"
ସହିଗଲି ପ୍ରିୟ ସଜନି, ଶ୍ୟାମ ପ୍ରୀତିରେ ପଡ଼ି ...	୨୨
ନବ ରସି କାହିଁ ନ ପାଶୋରିଲୁ ମନରୁ	"
ଅଗୋ ପ୍ରିୟସଖି	୨୩
ଜୀବନବନ୍ଧୁ ମାଗୁଣି, ମାଗୁଛିରେ ଏତିକି	"
କେଣେ ଗଲେ ଦେଖ ସଖି ନିକୁଞ୍ଜ ରାଣୀ	୨୪
କହରେ ପ୍ରାଣ ସଜନୀ, କାହିଁ ମୁରଲୀପାଣି	୨୫
ହାତଗତ ତୋ ମୁଲକ ଗୋ, ...	"
ସହିଗଲି ତୋହଦନ୍ ଝୁରି ନାଗର	୨୬
ଅଗୋ ପ୍ରିୟସହି, ନ ଯେଣିଲୁ ବୋଲି ମନେ ଶୋକବହ୍ନି	"
ଆଶାଦେଇ ନିରାଶ ତୁ କରନାହିଁ ଗୋ ...	୨୭
ଚାଲ ବୃନ୍ଦାବନେ ଦେଖିବା ସଙ୍ଗିନି	"
କହ ମନ କାହିଁକିରେ ତୁ ପଡ଼ ଭୁଲିଲୁ କି ...	୨୮
ଚାଲ ଚାଲ ସଖିଗଣ ଚାଲ ଯିବା ବହନ ...	୨୯
ଅଜ ଫେରିଯା ମୋର ପାଶରୁ ହେ	"
ଅରେ ଜୀବନ ଧନ, ଦାସୀ ଦୋଷ ନ ଘେନ ...	୩୦
ସଜ ସରଜବଦନି ତେଜ ମନ୍ମାନ ଗୋ ...	୩୧
ପ୍ରେମଫାନ୍ଦେ ବନ୍ଧ ଲଗା ଚମ୍ପା ଅଧର ଟର ...	୩୨
ଚତୁର ନାଗର ଜାଣ କି ମନ୍ତ୍ର	୩୩
ଝୁଲି ଅଟେ କାହ୍ନା ନାଗର	"

→ ସୂଚୀପତ୍ର ସମାପ୍ତ । ←

ଏଣ୍ଟ୍ରି ଦେଲା ଲବଙ୍ଗଲତା

(ଗ୍ଲ ଗ୍ଲ ସଖିଗଣ ଗ୍ଲିଯିବା ବନ୍ଧନ—ଝୁଲେ)

(୧) କେ ନେବ କେ ନେବ ଆସ ହେ ରସିକ ସମାଜ
ଆଣିଅଛି ଉପହାର ଭ୍ରମି ଭ୍ରମି ସାଇଜ । ଘୋଷା ।
ମୋହ ନାମ ଅଟେ ଲବଙ୍ଗଲତା
ସ୍ବରୁ ସୁକୁମାରୀ ଲବଙ୍ଗଲତା
ରେତା ହଜବ ଦେଖିଲେ ମୋ ବଦନ ସରୋଜ । ୧ ।
ନାନା ଫୁଲ ତୋଳି କୁସୁମ ବନେ
ହାରଗୋଟି ଗୁନ୍ଥିଅଛି ଯତନେ
ମନମତ ରସିକ ପାଇଲେ ହେବ ମଉଜ । ୨ ।
ହାର ଦେଇ ହେବ ଚରଣେ ଦାସୀ
ପ୍ରେମିକ ପ୍ରେମଜଳେ ଯିବ ଭାସି
ଜଣି ଏକସେ ଗାଇବ ସଙ୍ଗୀତ ଛାଡ଼ ଲଜ । ୩ ।
ଯେ ଏହି ସଙ୍ଗୀତ କିଣିକ ନେବ
ତାର ଏ ବାଳିକା ସେବକୀ ହେବ
ଗିରିଜ ଦାଆର କହେ ଶୁଣ ମୋର ଅରଜ । ୪ ।

(ସଙ୍ଗିମାରେ ମନେ ପଡ଼ୁଛି ମୋର—ଝୁଲେଉ)

(୨) ହସି ବାଣୀ କହ ରସିକରାଜ ।
ଥରେ ରଖିବ କି ଦାସୀ ଅରଜ । ପଦ ।
କମ୍ପା ବର୍ଦ୍ଧସ, ମୁଖସାରସ
ଯାଜ ନ ବଶଲ କାଲର ତେଜ । ୧ ।
କା ଠାରେ ଅଖି, ଯାଉଛି ଲଖି
ବକଇ ତାହାରେ ଚକ୍ଷୁ ସରୋଜ । ୨ ।
କହ ବସ୍ମୁର, ମୁଁ କି ତା ସର
ନୋହିଲେ ମାତ୍ରେ କି ଏ ଯୌବନ ଲାଜ । ୩ ।
ମୋ ପ୍ରାଣ ନାଥ, ପଶ୍ଚାଣ ବନ୍ଧୁ
ଅସ ଅସ ନବ କୁଞ୍ଜରେ ମଜ୍ଜ । ୪ ।

ବୈଷ୍ଣବପାଣି

(ଦେଶ ବସନ୍ତ—ଝୁଲେଉ)

(୩) ସଖି ମନାଇ ତାଙ୍କୁ ସମଜାଇ କହ ।
ହଜ ଯିବ ତା ଯୋଗେ ଏହି ଦେହ । ପଦ ।
ହେଜାଇବୁ ଥରେ ଥାଇ ଏକାନ୍ତରେ
ସଜାଇବ ଫୁଲେ ଗନ୍ଧ ଅହରହ । ୧ ।
ତାଙ୍କୁ ଝୁରି ଝୁରି, ହେଲି ଏତେ ସରି
ଅଦେହ ଦହଇ ଅଙ୍ଗ ଅହରହ । ୨ ।
କରୁଛି ଯୁହାର ରଖିବ କହିରି
ମିଳନ ନୋହିଲେ ବାଳାମଣି ସହ । ୩ ।
ଭଣି ସେ ଚରଣେ ଘୁଣିବ ମରଣେ
ତା ନାମକୁ ମାଳା କରିଥିଲେ ସ୍ନେହ । ୫ ।

ବୈଷ୍ଣବପାଣି

(ଯାଅ ଯାଅ ହେ—ବୃତ୍ତେ)

(୪) କଣ୍ଟକର ଶ୍ୟାମବନ୍ଧୁ ହୋଇଲ୍ ରହିଲ କା ବାସେ ।
ଶଶୀ ସମାନ ମାଧବ ଯେ ପଡ଼ିବ ଭୂମି ଦିଶେ । ପଦ ।
ମନେ ଥିଲି କେତେ ଆଶା   ସୁଖେ ବସିଥିଲି ବାଟ
ସାଜ ସଜଦିଲ୍ଲି ଖଟ ନାନା ସୁମନ ସୁବାସେ । ୧ ।
ହଟ ଦେଖିଲ ମୋହର   ଅଟ ବଡ ଦଗାଦାର
ଭଠ ଭଠ ମଠ କଥା କରୁଛ ବସି ମୋ ପାଶେ । ୨ ।
ଧାମ କଷ୍ଟ ଅଷ୍ଟ ଗୁଣ   ରମଣୀଙ୍କ ଠାରେ ଜାଣ
ସହାଇଛ ଅଷ୍ଟନେକ କାହିଁପାଇଁ ଦ୍ୱିକହିଁ ଦୋଷେ । ୩ ।
ହୋଇଥିଲେ ନାରୀ ସିନା   ଜାଣନ୍ତ ନାରୀବେଦନା
ଛଳବାଣୀରେ ବୋଧନା କର ବଇଷ୍ଣବ ଦାସେ । ୪ ।

(ଗୋବରଧନ କାହିଁକି ଟେମଠ'ରେ ଗୁମାନ—ବୃତ୍ତେ)

(୫) ନବନାଗର, ଜାଣିଲି ହୃଦୟ ତୁମର । ପଦ ।
ଗ୍ୱେରା ପ୍ରୀତି କର,   ଯେତେ ବ୍ରଜନାରୀ
ମୋହଇ ମନକୁ ତାଙ୍କର । ୧ ।
ହୃଦରେ ଗରଳ,   ରଙ୍ଗିଳ ନନ୍ଦବାଳ
ମୁଖେ ଭାଷ ଥାଅ ମଧୁର । ୨ ।
ଏହିକି ନାଲିଙ୍କ   ଅହେ ବ୍ରଜରାଜ
ଲାଜ ନାହିଁକି ମୁଁଖେ ତେର । ୩ ।
କହ ସତକରି   ଅହେ ବଂଶୀଧାରି
ରଖାଲୁଲା ହେ ରାମାବର । ୪ ।

ସୁରେନ୍ଦ୍ରନାଥ ବୋଷ

(ନୂଆଛଇଁଳ ହେ—ଝୁମରୁ)

(୧) ସରୁ ଯିବନକ; ଜୀବନେ ନବଛଇଳା,
ଉଚାଟ ହେଉଛି ପରାଣ ମୋହର,
ଯାହା ଦୂତିକା କହିଲୁ (ମତେ) । ଘୋଷା ।

ଗରୁ ହେବ ଅଙ୍ଗ ଭୂଷଣ ବସନ, ଦଶ ପରୁ ମଣି ତେଜ ଦେବି ଅନ୍ଧ ।
କଣ୍ଠାପରୁ ଅଙ୍ଗେ ଲାଗିବ ଅସନ, ବିଧାତା ବାମ ହୋଇଲା (ମତେ) ।୧।
ସତେ ଉମାପତି କରିବେ କରୁଣା, ଡୋବଲ ନରେଖିବ ଚମ୍ପକବରଣା
ପୂଜିବ ପରମ ପୁରୁଷ ଯୋଗିନା, ମନେ ମାନସ ରହିଲା ମୋର ।୨।
ତାର ଅଙ୍ଗେ ପୀତ୍‌ସ୍ୱିଦ ମାରଶର, ମଦନ ବାଣରେ ହେବନି କାତର
ଶୁଣି ହୃଦ ମୋର କମ୍ପେ ଥରଥର, ମରଣ ମୋତେ ନୋହିଲା ।୩।
ଯାଅ ଗୋ ଦୂତିକା ଯାଅ ଗୋ ବହନ, ବେଗେ ଆଣି ଦିଅ ମୋର ପ୍ରାଣଧନ
ସୁଧାକରମୁଖି ମୁଖୁ ସୁଧାପାନ କରିବେ ଆଶା ରହିଲା (ପାନ) । ୪ ।

ସୁରେନ୍ଦ୍ରନାଥ ଘୋଷ

(ଗୁହାଁରେ କୁଳବତୀମତିହରାକୁ—ଝୁମରୁ)

(୧) ଆସରେ, ଧର୍ମବ୍ରଜଗତି ନନ୍ଦକୁମର

ଦେଖିଛନ୍ତି ମୋତେ, ଯେବେଯିବ ତତେ
ସଙ୍ଗେ ଚପିନେ ନେବାକୁ । ପଦ ।
ହୋଇ ବେଣ କୃଷା ଅସ ଅସ ଯୋଷା
ରସରଙ୍ଗେ ଭେଟିବାକୁ । ୧ ।
ସେ ବସନ ଶ୍ୱେତ ବହିଅଛି ପଶ
ଜଗି ଯମୁନା ଘାଟକୁ ।
ହୃଦସ୍ଥ ତାହାର ଯୋଗି ମାରଶର
ମାରେ ଧରଣ ଛାଟକୁ । ୨ ।

ମାଦକ ମଦନ ନଶାରେ ମୋହର
ଢଳି ପଡ଼ିଲ ତଳକୁ ।
ସଖି ସଖେ ବୋଲି ଛାଡ଼ିଲ ବୋବାଳି
ଭେଟି ନନ୍ଦ ଦୁଲାଳକୁ । ୩ ।
ଦୂତ ମୁଖୁ ବାଣୀ ଶୁଣି ସେ ରମଣୀ
ତୋଳି ନାନା କୁସୁମକୁ ।
ଗୁନ୍ଥି ମାଳମାନ ଚଳିଲେ ବହନ
ଦର୍ଶନେ ଘନ ଶ୍ୟାମକୁ । ୪ ।

ବୈଷ୍ଣବପାଣି

(ନବବୃନ୍ଦାବନ ରସମଧ୍ୟ ମୋ—ହୁରେ)

(୮) କେଉଁଣେ ଲୁଚିଛନ୍ତି ଚିତ୍ତ ଚୋର ଗୋ ।
ସଖି ନ ଦିଶନ୍ତି ଧର । ଘୋଷା ।
ସେ ନଟକୁଟିଆ ପ୍ରୀତ ଲମ୍ପଟିଆ
ଏହି କୁଞ୍ଜେ ଥିବେ ପର
ମୋହନ ମୁରଲୀ ସଖୀ ସଖା ବୋଲି
ଡାକେ ନିଶିଦିନ ସାର ଗୋ । ୧ ।
ଘୋର କାନନରୁ, ଲତାର ମଧ୍ୟରୁ
ଖୋଜିଅଣି ଦିଅ ତୋର
ନ କର ତୁ ହେଳା ମୋର ଗଳାମାଳା
ଅଟେ ସେ ଲବଣୀ ଚୋର ଗୋ । ୨ ।
ଅବାଲ୍ୟ କାଳରେ ଦକ୍ଷିଣ ଦାଣ୍ଡରେ
ମୋ ସଙ୍ଗେ ବସନହର
ଖେଳିବା ବେଳରେ ମୁ ପଡ଼ି ପଣରେ
କରିଅଛି ବଂଶୀଧର ଗୋ । ୩ ।

କହନ୍ତି ଦୂତିକା, ଶୁଣ ଲୋ ରାଧିକା
ହେଲୁ କି ପାଗଳ ପରି
ଧାଁ ଭ୍ରମଣି ବାଟରେ ଅଧୀର ନୂଆଁରେ
ପାଇବୁ ହୃଦମ୍ବୁହାର ଗୋ । ୪ ।

ବୈଷ୍ଣବପାଣି

[କାଳନ୍ଦୀକୁ ନ ଯା ଫୁଲତୋଳି—ବୃତ୍ତେ]

(୧) ରାଧା ପରାଣ ତୈଜସ ରୂପ ଧନୁ
ଅହେ କଳାକାହ୍ନୁ ।

ଯା ନାମକୁ ଧରି ବଂଶୀ ସ୍ୱନେ, ଭୋଳ କରୁଥାଅ ନିଶିଦିନେ
ସେ ନବ କିଶୋରୀ, ଝୁରି ଝୁରି ମରି
ଗଲଣି ନ ହେଲା ତାର ଧନୁ । ୧ ।

ଯେତେ ବୁଝାଇଲେ ଅଳିମାନ, ପ୍ରବୋଧ ନୋହିଲା ତାର ମନ
ଭୂଷଣଶଯ୍ୟା ତେଜି, ଧରାରେ ବସିଜି
ଝୁରେ ଗୀର ମୁରଲି ନସ୍ୱନୁ । ୨ ।

ହଟ୍ଟ ବସାଇଲ ବ୍ରଜପୁରେ ମଜ୍ଜିଗଲ ତା ରୂପହାଟରେ
ଏବେ ଜମ୍ବା ପରି, କଲ ହେ ନାଗର
ଦେଲ କି ପାଶୋରି ଶ୍ରୀବମନୁ । ୩ ।

ତୁହି ଅଛ ପଥ ଅନୁସରି, ଆସ ମୋ ସଙ୍ଗତେ ବଂଶୀଧାରି
ତୋର ପାଶେ ମତେ, ପେଷିଛି ଜବତେ
ଦେଖିବାକୁ ଘନଶ୍ୟାମ ତନୁ । ୪ ।

ସୁରେନ୍ଦ୍ର ନାଥ ଘୋଷ

(ଯାଆରେ କହିବୁ ତୁ ମୋହନ —ବୃତ୍ତେ)

(୮) ଚଳତ୍ପ୍ରେ ଋତୁରାଜ ବସନ୍ତ ଆହେ

ପରିଣସଜ୍ଜନୀ ଦେଖ, ଚୂତ ଡାଳ ପରେ ପିକ
ହରଷେ ମଧୁର ଗୀତ ଗାଉଛି ବସି । ଘୋଷା ।
ଭ୍ରମର ଭ୍ରମରୀ ସଙ୍ଗେ, ଉହରନ୍ତି ନାନାରଙ୍ଗେ
ଫୁଲେ ମଧୁପାନ ରଙ୍ଗେ କରନ୍ତି ବସି । ୧ ।
ଯାଅ ପବନ ସଙ୍ଗିନୀ, ଧର କହୁଅଛ ପାଣି
ଭେଟାଇବୁ ବେଗେ ଆଣି ବରଜ ଶଶୀ । ୨ ।
ପଡ଼ି ତାର ପ୍ରୀତି ଫାନ୍ଦେ ପଡ଼ିଲି ମୁଁ ଅପବାଦେ
ଛାଡ଼ ନ ପାରିଲି ହୃଦେ ସେ ରୂପରାଶି । ୩ ।
ଶ୍ରୀମତୀ ବଚନ ବାଣୀ, ଶୁଣି ଦୂତୀ ମନେ ଗୁଣି
ଆଣିଗଲେ ବେଣୁପାଣି ସୁରେନ୍ଦ୍ର ଭାଷ । ୪ ।

(ପ୍ରାଣ ଦଅନା ଦଅନା ବ୍ୟଥା—ବୃତ୍ତେ)

(୧୧) ରୁଷି ବସନା ସୁରସାବର

ହସି ହସି ଆସି ଅଙ୍କେ ବସନ ମୋର । ଘୋଷା ।
ଶରଦଶଶିମୁଖି ନହ ନିଷ୍ଠୁର କଣା ବଚନା କଣି ଜନ ତୋଦର
ପିକଭଷି ଅବେ ଭାଷ ମଧୁର ଗିର । ୧ ।
ଜବାଧର ମୋହର ଜୀବର ଗତି, କି ଦୋଷେ ବସିଅଛୁ ବଦନପୋତ
ଛାଡ଼ କରନ୍ତ ପଞ୍ଚଦ ମଦନ ଶର । ୨ ।
ଯୋଗି ଯୋଗଭଙ୍ଗିନୀ କେତକୀ ଅଙ୍ଗୀ, ମରାଳଗମନା ମୋ ପରାଣ ସଙ୍ଗୀ,
ଲଙ୍ଗିଙ୍କେ କନ୍ଦର୍ପ ଦର୍ପ କରିବୁ ଦୂର । ୩ ।
ଶ୍ରୀନାଥଙ୍କ ଏନସ୍ତ କଣ୍ଠରେ ଶୁଣି ମନରୁ ମାନତେଜ ରାଜନନ୍ଦିନୀ
ମନସ୍ଥେରେ ଯେନ ଦଳେ କୁଞ୍ଜକୁଟିର । ୪ ।

ବୈଷ୍ଣବପାଣି

(ତାଲ କହେରବା ଓ ଟୁମ୍ରି ଥିଏଟର—ସୁର)

(୧୨) ହସି ହସି କୋଳେ ଆସି ବସ ମଦାଳସାଭର ।
ସୁରସଦାୟିନୀ ଅରେ, ନବରସେ ଭସାରେ । ଘୋଷା ।
ପ୍ରେମଶିଳା ମୁଁ ତ ପ୍ରେମଁଇକାଙ୍କ୍ଷୀ, ପ୍ରେମଦାନ ମୋତେ ଦିଅ କାମନୀ
ଶରଦଶଶୀବଦନା ନ ଭୁଲ ମୋ ଆଶାରେ । ୧ ।
ଥିଲେ ଦୋଷ ଦଣ୍ଡ ନବ ରସିକା, ମୋ ପିଣ୍ଡ ତୋହରି ତରଙ୍ଗେ ବଙ୍କା
ନାସିକା ଫୁଲାଇ ଭୁଷ ମୃଦୁ ଭାଷାରେ । ୨ ।
ଚମ୍ପକବରନା ମୋ ଗଳାହାର ସାର କଲୁ ମନେ ପୀରତି ଡୋର
ତେବେ କର୍ପା ମାରଶର ଦେଇଅଛ ଦଗାରେ । ୩ ।
ଶ୍ରୀକୃଷ୍ଣ ଚରଣ ବାଧିକା ଶ୍ରେଣି, ମନ୍ଦ ମାନ ତେଜ ରସରଙ୍ଗିଣୀ
ନବପ୍ରେମେ ମଜ୍ଜି ସୁଖେ କଟାଇଲେ ନିଶାରେ । ୪ ।

(ବୈଷ୍ଣବପାଣି)

(ହସିଆରେ ଫୁଲ ରସିଆଁ—ଢଙ୍ଗେ)

(୧୩) କହରେ ଜୀବନଧନ କାହିଁକି ମୋଠାରେ ମାନ
ମୀନ ନେତ୍ର ଦନ, ଝରେ ଅନୁକ୍ଷଣ
ଶୁଖି ଯାଇଅଛି ଚନ୍ଦ୍ରବଦନ । ଘୋଷା ।
କି ଦୋଷ ମୋର ହେଲାରେ ସଖୀ, ମିଛେ ଦଣ୍ଡ ଦିଅ କିପାଇଁ
ଖଣ୍ଡ ଖଣ୍ଡ କର ମୋ ଦେହ ,
ଛାର ମାର ପିଣ୍ଡ ପକାଏ ଦହି କହୁଛି ତୋତେ ମନାଇ
ଆସ ଅଙ୍କେ ବସ, ପ୍ରୀତିବାଣୀ ଭାଷ
ନକରି ନିରାଶ, ସୁରସରେ ରସ
ଗଳାମାଳା ମୋର, ଦୋଷ ଯେବେ ହେଲା
ଇଚ୍ଛା ବାହୁପାଶେ ଦଣ୍ଡବନ୍ଧନ । ୧ ।

(ସୁରେନ୍ଦ୍ରନାଥଘୋଷ)

(ଏତେ ଅଥୟ କାହିଁ—କୁଡେଉ)

(୧୪) ଘନ କାଳରେ ଘନ ଘୋଟି ଗର୍ଜି ବରଷଇ ଜଳ
ଘନବରନା ମୋର ଶ୍ଳ ମନରେ ହେବନି ଅକୂଳ ।
ଖଳି ଚନ୍ଦ୍ର ତୋ ମନେ, ଏହା'ଥିବ୍ୱ କେ ଜାଣେ
ପଶ୍ଚଣଲେ ମଟେ, ଘାଟରେ ଅଡ଼ରଳ । ୧ ।
ଘଡ଼ି ଘଡ଼ି ଶବଦ ଶୁଣି ଥରେ ମୋ ହୃଦ
ବାରଜ ବଦନା, ସୁଲୁନ୍ଦରଦନା ବଞ୍ଚିବ କା କୋଟଳ । ୨ ।
ଘୋର ଅନ୍ଧାର ଦେଖି ଶରଦ ଶଶୀମୁଖୀ
ଲାଗେଣି ମୋ ଯିବା, ପଥ ଶୁଦ୍ଧି ଅବା ହେବ କଲବଲ । ୩ ।
ରସବତୀରସିକା, ବସି ଥିବଟି ଏକା
ଭାଲବ କ ଦେଖା, ସୁବଇନ୍ଦ୍ର ଲେଖା ହେବନି ସଫଳ । ୪ ।

(ଘନ କାଳିଆ—କୁଡେଉ)

(୧୫) କାଳିଆସୁନା, ଛାଡ଼ ଏବେ ବାଟ, ଯିବ ଯମୁନା,
ହଟହଟା ଲଗାନା, କୁଳଶୀଳ ମଞ୍ଜାନା, ସତ୍ତ୍ୱବ୍ରତ ଦଳାନା,
ନନ୍ଦର କାହ୍ନା, କଂଶିବଦନା, କରୁଛମନା । ଘୋଷା ।
କାଳକଟେତାରଏଥିତ,ନନ୍ଦଡ଼ଲୁବେଣୀପଦ, ଗୁବିନ୍ଦବଯସେବାଣଣିବଜାନ ।
ଶୁଣି ସେ ବେନସ୍ୱନ, ଢଳେ ନ ରହେ ମନ ଅପବାଦ ପସରି ସଜାନା ।
ଭ୍ରୁଜପରେ ବାଜଣା ବଜାନା ଜାଣୁ ଜାଣୁ ମଦନ ଦଳାନା
ନିକୁମଟେନ ହେଳନା ଶୁଣାଉଛ କଙ୍କଣା,
ମନମୋହନା, ପୀତବସନା ପାଣିଧରନା । ୧ ।
ଅସ୍ତହେଲେ ଦିନକର,ବେଳହେଲାଣିଉତ୍ତର, ଛାଡ଼ଯିବୁଦ୍ଧବରବରକରନ
ଗୋପୀଙ୍କଦ୍ୱନଶ୍ୟେର, ଛଠଲମ୍ପନାଗର,ଶୁଣନାହିଁ ଅମୃଠାରୁ ବୋଲଣ

ପୁରନ୍ଦରଦର୍ପଦଳନା, ମାତାଙ୍କ ପାବଣେ 'ସ୍ଥଳ ସ୍ଖଳନା
କାଳଅଗଞ୍ଜନା, ଶକଟ ଭଞ୍ଜନା,
ଷଣ୍ଢ ମାରନା, ଦଣ୍ଡ ଦଅନା, ଘନବରନା । ୨ ।
(ବୈଷ୍ଣବପାଣି)

ରାଗ—କାଓ୍ୱାଲି

(ଥିଏଟର ସୁର)

(୧୬) ମଦନ ଛାଡ଼ ଛାଡ଼ ବାଟ ହେ
ବେଳ ଉଛୁର ହେଲାଣି ଧର କନ୍ଦୁଅଛି ପାଣି
ଜଞ୍ଜାଳ ନ କର ଅମ୍ଭ ସଙ୍ଗେ ପୀତପଟ ହେ । ଘୋଷା ।

କପଟ ପୀରତ କର, ନନ୍ଦକୁ ନେଲ ଅମ୍ଭର
ତବ ପ୍ରୀତିଫାନ୍ଦେ ପଡ଼ି, ଧରିଗଲୁ ବ୍ରଜନାରୀ
ତୋ ନାମକୁ ଗଲେ ଧରି, ବନ୍ଦିଅଛୁ ଦ୍ୱାରକରି
ବ୍ରଜପୁରେ ବସିଅଛ ଦ୍ୱାଟ ହେ । ୧ ।

ସଦଲ ଗୁଁରୁ କଞ୍ଚଣା, ଯମୁନା ହୋଇଲୁ ମନା
କୁଦରେ ବଂଶିବଦନା, ଭଜନ କର ତୁମ୍ଭ ନା
କାଟିଲୁ ଜଗି ବସନା, ମଧୁରସ୍କୁ ଭାଷନା
ତନସ୍ତୁ କରୁଛୁ ନନ୍ଦସୁତ ହେ । ୨ ।

ଶୁଣିଲେ ତବ ମୂରତ, ଅଛ ବେ ଅନ ଯୁବତୀ
ରଖିପାରେ ସତୀଧୃତ , କହ କହ ହେ ଶ୍ରୀପତ
ମୁରଲୀନ୍ଦ୍ର ହୃଦେ ଚନ୍ଦ୍ର ରସରେ ଗାନ ନିରନ୍ତ୍ର
ସାଧୁଜନ ଏହି ମୁକ୍ତିବାଟ ହେ । ୩ ।

ତାଳ—କହେରବା ।

[ପ୍ରେମରଙ୍ଗେ ସୁନ୍ନଜଗଗଟେନ—ଝୁମ୍ରେ]

(୬) ସଖିରେ, ସଖୀରେ, ମୁରଲୀ, ବାଜେରେ,
ଡାକେ କାହ୍ନା ନାମଧରି କୁଞ୍ଜବନରେ,
ସେ ମୋହନ ବାଁଶରି, ଶୁଣି ମନ ମୋହଇ
ଅଧୀରହୁଏ କାହିଁକି ନ ଲାଗେ ଘରେ । ଘୋଷା ।
ମହତ ମନ୍ତ୍ର କରି, ଯେତେ ବରଜନାରୀ
ପକାଇପ୍ରେମଫାନ୍ଦେ,
ମହତ ହେଲା ସାରି
ଜାତିରେ ପତିରେ, ନିଶି ଦିବସରେ
ଗଞ୍ଜଣା ସହିଲୁ ଗୁରୁଜନଙ୍କ ଠାରେ । ୧ ।
କଳାବୁଢ଼ାଙ୍କୁ ସହି ପରତେ ଅଇନାହିଁ;
କାଳସର୍ପ ବି ଜାଣି ଗଳେଥିଲୁ ଲମ୍ବାଇ ॥
ଦେଖରେ, ବୁଝରେ, ଦଂଶିଲା ବସିରେ,
କାଳପ୍ରାଣ୍ୟେ ଅମ୍ଭଙ୍କୁ ପକାଏ ଗ୍ରାସିରେ । ୨ ।
ଆସ ସଜନି ଆସ, ନ ଯାଅ ତାରପାଶ,
ଜଳିବସିଛି ଧରି ପ୍ରେମ ନିବୁଢ଼ ଫାଶ ॥
ବନ୍ଧରେ, ପଡ଼ରେ, ସଡ଼ି ଭୁ ଯିବୁରେ,
ପଡ଼ିତା ପ୍ରୀତି ଅଠାରେ ଲାଗିଥିବୁ ରେ, । ୩ ।
ଏମନ୍ତ ମନେ ଭାଳି, ସକଳ ବ୍ରଜବାଳୀ
ଅସନ୍ତେ କାଯ଼ ଚଳି ଭେଟିଲେ ବନମାଳି ।
ମୁରଲୀ ଅଧରେ, ଶିଖି ଚୂଡ଼ା ଶିରେ
ବୋଲେ ମୁରଲୀ ଉଭାଇଲେ ଅଗରେ । ୪ ।

(ଖ୍ଲ ଫୁଲତୋଳିବା ପଗ୍-ଝୁଟେଇ)

(୧୮) ପ୍ରାଣ ବନ୍ଧୁ କହନ୍ତ ସତ
କାଲି ନିଶିରସେ କାସଙ୍ଗେ ମାତିଲ ଦେଇମତେ
ମିଛେ ସଙ୍କେତ । ଘୋଷା ।
ଗଣ୍ଡେ ଚୁମ୍ବ ଦାନ ଦେବାରେ, କାଳ ଲାଗିଅଛି ଅଧରେ
ଭୁଲିଗଲ କାହା ନୂପୁରନାଦରେ, ଅଙ୍ଗିରେ ତେଜିଲଣିତ ।୧।
ଆଲିଙ୍ଗନେ କାହାକୁ ଇଡ଼, ରହିଥିଲ କାପ୍ରେମେ ଜଡ
ପଡ଼ି ଯାଇଅଛି, ଚୁଡ଼ା ଢଳି ଅଙ୍ଗେ, କା ହାଣାଡ଼ୀ ପିନ୍ଧିଲଣିତ ।୨।
ନଥିଲାକି ତୁମ୍ଭ ବସନ, କହ ଆହେ ଜୀବନ ଧନ
ଦ୍ୱିବସନ ଦେଖି, ସେହି ଚନ୍ଦ୍ରମୁଖୀ, ଦେଇ ବାସମୋହିଲଣିତ ।୩।
ପୁଣି ତାର ଗଳାହାର, ପିନ୍ଧିଅଛି ଶ୍ୟାମସୁନ୍ଦର ।
କୁଙ୍କୁମେ ରଙ୍ଗାଇ, ରଙ୍ଗିମାଅଧରେ କେତେ ଶୋଭା ଦଶିଲଣିତ ॥
ଫେରିଯାଅ ତାର ନିକଟ, ଶଠ ଲମ୍ପଟନନ୍ଦସୁତ
ତେଣେ ହଟକର, କଳବ କର୍ବାଟ, ରୁନ୍ଧି ତୁମ୍ଭ ଯିବାରପଥ ।୫।

ବୈଷ୍ଣବପାଣି

(ରଙ୍ଗ ମାଗୁଣି. ଢାଙ୍ଗ ମୋର ସ୍ନେହ ନ କର-ଝୁଟେଇ)

(୧୯) ଶ୍ୟାମ ସୁନ୍ଦର ଦାସୀ ଦୋଷ ମନେ ନ ଧର । ପଦ ।
ମନେ ନଧର ମନେ ନଧର ଅଳୁ ରାଧାସୁନ୍ଦରୀ ଦାସୀ ଚରଣେ ତୋର ॥
ନନ୍ଦତନୁଜ, ନଦଅ ଲାଜ, ବନଜ ଢୋଲା ଭଲାମାକାଅଛି ମୋହର ॥
ଅଙ୍ଗେଚନ୍ଦନ, ପ୍ରାଣ୍ଡେ ଲେପନ, କରୁଥିବ ବ୍ରଜଜନମାନଙ୍କୁ ଧିକ୍କାର ।୩।
ତୁମ୍ଭେମୋପତି, ତୁମ୍ଭେମୋଗତି, ସେବିକାକର ରଖପଦସରୋଜେ ତୋର ॥
ନନ୍ଦରବଳା, ଅହାରଲୀଳା, ବୁଝିପାରିବ କି ମୁଁ ହୋଇ ଅବଳାଗୁରୁ ।୪।
ରାଧାମୋହନ, ଚରଣେଧ୍ୟାନ, ରଖି ଏ ଗୀତରଚେ ରସେ କବି ସୁରେନ୍ଦ୍ର ॥

(କୁଞ୍ଜବନରେ କାଲିଆଦେବତା ବୁଲୁଛି-ବୃତ୍ତରେ)

(୨୦) ଅନେକ ଶୋଭା କୁଞ୍ଜବନେ କୁଞ୍ଜବିହାରୀ ।
ବହିରନ୍ତି ନାନାରଙ୍ଗେ, ଶ୍ରୀମତୀଙ୍କି କାମେ ଧରି । ଘୋଷା ।
ଋତୁଦ୍ଧାଳେ ବସି ଦେଖ, ମଧୁର ସଙ୍ଗୀତ ପିକ-
ଗାନକର ହରଷରେ, ଚିତ୍ତ ନେଉଅଛି ହରି । ୧ ।
ମନ୍ଦସର୍ମ ବହେ ବାତ, ଗଗନରେ ନିଶାନାଥ ।
ହେଲେଣି ଉଦନ୍ତେ ଦେଖ, ତାରାଗଣ ସଙ୍ଗେକରି । ୨
ମଧୁକର ମଧୁଆଶେ, ଫୁଲେ ଫୁଲେ ଉଡ଼ ବସେ ।
ନୃତ୍ୟ କରନ୍ତି ହରଷେ, ସହଚରୀ ଭଙ୍ଗିକରି । ୩ ।
ଦସ୍ନିକର ପୀତବାସ, ତୁମ୍ଭ ଶ୍ରୀଚରଣେ ଆଶ ।
ଯୁଗଳମିଳନ ରସ, କେ ପାରେ ବର୍ଣ୍ଣନା କରି । ୪ ।
କେ ଜାଣେ ତୋର ମହିମା, ଜାଣି ନ ପାରନ୍ତି ବ୍ରହ୍ମା ।
ଧରି ମାନବ ଜୀବନ, କାହିଁ ପାଇବୁ ମୁରାରି । ୫ ।

ବୈଷ୍ଣବପାଣି

(କରେଣି ଗୃହାରେ-ବୃତ୍ତରେ)

(୨୧) କହ କେଉଁ ଦେଶେ ବାସ ଶିକାରୀ ତୋହର ଗୋ ।
ଧରି ଫୁଲଶର ଧନୁ ମାରୁଛୁ ଶିକାର ଗୋ । ଘୋଷା ।
ଗଞ୍ଜି ଲକ୍ଷ ଅଛୁ କୁବ୍ଜା ସ୍ଥଳ ଦେବ ନେଇ ଗୋ ।
ଦୟାନାହିଁ ହୃଦେ ପ୍ରାଣ ନେଉଛୁ କାହାର ଗୋ । ୧ ।
ପୀନସ୍ତନେ ଝୀନବାସ, କଣ୍ଠ ଅଛି ତୋର ଗୋ ।
ନଳିନୀପ୍ରବନ ଲାଗି ଉଡ଼ୁ ଅଛ ହର ଗୋ । ୨ ।
ବୀଣାଜିଣା ବାଣୀ ଶୁଣା ସୁମଧୁର ଗିର ଗୋ ।
କୃପାସିନ୍ଧୁ ନେଉ ଡାଳ ଡାଳ ମୋର ଗୋ । ୩ ।

ତୁଷାରେ ହୃଦୟ ମୋର ହୁଏ ଥରହର ଗୋ ।
ଅଧରୁ ଅମୃତ ଦେଇ ତୃଷା ତୁ ନିବାର ଗୋ ।

ବେଷ୍ଣବଦାସୀ

ତାଳ—ଏକତାଳ ।
(କୀର୍ତ୍ତନସୁର୍)

(୨୨) ବ୍ରଜନାର ମୁକୁଟମଣି, ସୁଧେ ଶୁଣ ବାଣୀ ମୋହର,
ଅଜଠାରୁ ତବ, ଶ୍ରୀପଦପଙ୍କଜେ ଦାସ ଯଶୋଦା କୁମର,
ଦାସହେଲି ତୋର
ବୃଷଭାନୁସୁତା, ଅଜଠାରୁ ଦାସ ହେଲି ତୋର । ୧ ।
ଦେଉଅଛି ଲେଖି, ଦାସପଣେ ଲେଖା, ସାକ୍ଷୀରହି ବୃନ୍ଦାବନ,
ଶ୍ରୀଚରଣେ ତବ, ପ୍ରେମଋଣୀ ହୋଇ, ରହିଲେ ବଂଶୀବଦନ,
ମୁହିଁ ନ ପାରିଲେ
ପ୍ରେମ ଋଣ ମୁହିଁ ନ ପାରିଲେ
ଦାସପଣେ ରଖ, ପାଦତଳେ ମୁହିଁ ନ ପାରିଲେ । ୨ ।
ପିତା ନାମ ନନ୍ଦ, ଜାତିରେ ଗୋପାଳ, ଗୋପନନ୍ଦରେ ସଜନ,
ତାଙ୍କ ସୁତ ମୁହିଁ ମୋ ନାମ କହ୍ନାଇ, ଶୁଣ ଅରେ ପ୍ରାଣଧନ
ଲେଖି ଦେଉଅଛି
ପେଷା ମୋର ଲେଖି ଦେଉଅଛି
ମନରେ କପଟ ନାହିଁ କିଛି, ଲେଖି ଦେଉଅଛି । ୩ ।
ଜଳିବସିଥାଇ ଯମୁନାଘାଟରେ ବରଜବଧୂଙ୍କୁ ଚାହିଁ,
ମୋହନ ମୁରଲୀ, ବଜାଇ୍ ଗୋପିଙ୍କ, ମନକୁ ନିଏ ଚୋରାଇ,
ପେଷା ହେଲା ମୋର
ବରଜବଧୂଙ୍କ ମନଚୋର୍ । ୪ ।

ସୁରେନ୍ଦ୍ରନାଥ ବୋଷ

(୧୩) ଆସ, ଆସ, ଆସ ଗୋ ଗାଧୋଇ ଯିବା ପର !
ଦେଖ ମାତ୍ର ଆସୁଅଛି ଖର । ଘୋଷା ।
ହଳଦି ଲୁଅ ଚନ୍ଦନ ଗୋଳ ରଖିଛି ଯତନ,
ତହିଁ ଘଷିବ ଦେହ ତୋର
ସରସ ଅପସର
ଭୁଲିଯିବେ ଯସ ଚନ୍ଦ୍ର ଶେଖର ॥
(ସୁରେନ୍ଦ୍ରନାଥ ଘୋଷ)

(ଏହା ସମ କେହ ହଟଣ ନାହିଁ ରସିକ—ବୁଝିବ)
(୧୪) ଆସ ଆସ ତୁ ଶରଦ ଶଶି ହସି ପରକାଶି,
ମୋର କଳାକାନ୍ତ (ହେ ନିଶାନାଥ) ନିରେଖି ତୋ ତନୁ
ମନେ ହୁଏ ବଡ ଖୁସି । ଘୋଷା ।
ପିନ୍ଧି ଆସ ଧବଳପାଟ, ଧବଳ ହସ୍ତ ବାନ୍ଧ ଘାଟ
କରଅଛି ଦନ୍ତ, (ହେ ନିଶାନାଥ) ମୋର ପୀତପଟ
ପାଇଲେ ଖେଳିବ ବସି (ତୋତେ) । ୧ ।
ଖଣ୍ଡକ୍ଷୀର ଲବଣି ସର, ତା ସଙ୍ଗେ ମିଶାଇ ଶାକର
ଦେଇ ମୁଁ ତାହାର (ହେ ନିଶାନାଥ) ଜୋହ୍ନାଏ ସାଗର
ମଣଇ ସେ ହସ୍ତରାଶି । ୨ ।
ତଳେ ଗନ୍ଧ କରଇ ଅଳି, ବୃନ୍ଦ ଅଣି ଦଅ ମା ବୋଲି
ବନମାଳ ମୋର (ହେ ନିଶାନାଥ) ଯେତେକି ଯାଏ ଭୁଲି
ତା ହାତେ ପଡ଼ି ତୁ ଖସି । ୩ ।
ମୁଁ ଛିଯାଉ ହୋଇ ଅନ୍ଧ, ଭୁଲିଯାଇ କାନ୍ଧାଇ ମୋର
କଳାଶଶି ମୁଖ (ହେ ନିଶାନାଥ) ସଙ୍ଗେ ତୋହ ମୁଖେ
ସୁଖେ ରହିଥାଉ ମିଶି । ୪ ।
(ସୁରେନ୍ଦ୍ରନାଥ ଘୋଷ)

(ମିଳନ ଗୋ କଶୋଷ୍ମି ଜାହ୍ନା ବୃତ୍ତେ)

(୨୫) ତୋଳନ୍ତୁ ଗୋ କୁସୁମଗଣି
ମଣ୍ଡିବା ସଜନ ଘନଶ୍ୟାମ କଳାଶଶୀ । ୧ ।
ସଜାଇ ଯତନେ କେଳିପୁର ଅଳୀ ମିଶି ।
ମଜ୍ଜାଇବା ଚିତ୍ତ ନବ ପ୍ରେମରସେ ରସି । ୨ ।
ପାରହେବା କାମସିନ୍ଧୁ ଶ୍ୟାମ ନାମ ଘୋଷି ।
ମାରିଦାଉ କେ ସହିବ ଧର ପ୍ରେମ ଫାଶି । ୩ ।
ବାନ୍ଧ ରକ୍ଷ ବଳ ସ୍ନେହ ନ ପଳାଏ ଖସି ।
ଖସିଗଲେ ଧର ନ ଦେବଟି ହାତେ ଅସି । ୪ ।

(ବୈଷ୍ଣବ ପାଣି)

(କହରେ ଭ୍ରମର ବନ୍ଧୁ ବୃତ୍ତେ)

(୨୬) ହସି ହସି ଗୃହୁହାସି ଅସି ବସ ମୋ ପାଶେ ।
ଶଶି ଲଣି ରସେ ରସି ମନତୋଷ ହରଷେ । ଘୋଷା ।
ପିକଭୃଷଂ ବସିଅଛୁ କାହିଁପାଇଁ ଦରସେ ।
ଅସିଅଛ ଆଗୋ କହ ଭାଷା ବାଣୀ ସରସେ । ୧ ।
ଧରମଣ୍ଡନା ଧରେ ତୋ ସମ କେ ନ ଦଶେ ।
ଧୀରମଣି ଦେଲ ଧର ବାନ୍ଧ ବୃକ୍ଷ ଏ ଦାସେ
ଯେତେ ଦୋଷୀ ମଦାଳସି ହେଲି ଅଜ ତୋ ପାଶେ ।
ଦଣ୍ଡ ଦଅ ଖଣ୍ଡ କ୍ଷିତି ମନେ ତୋର ଯା ଆସେ । ୩ ।
କୃଷ୍ଣେ ଅସ ପ୍ରାଣଧନ ବୋଲି ରମଣୀ ଭାଷେ ।
ଖଣ୍ଡିଲ ମଦନ ଦର୍ପ ପୂର ଭାଷେ ଉଲ୍ଲାସେ । ୪ ।

(କାମ୍ଭୋଦରାଗ-ରୂପକ)

(୧୭) ନ ମାର ପିଚକାରୀରେ ଲଗାଇ ମୋ ଅଙ୍ଗେ ।
ଆଜ ମୁଁ ପାଣି ପାଇଁରେ ଆସିଲି କି ଯୋଗେ । ଘୋଷା ।
ଦେଖ ନୀଳଶାଢ଼ୀ, ଯିବ ଭିଜି କରୁ କଳଶୀ ପଡ଼ିବ ଭାଜି (ରେ)
ନେଉ ମୁରଲୀ ଛଡ଼ାଇ ଆଜରେ କହିବୁ କା ଆଗେ । ୧ ।
ଶାଶୁ ଶଶୁର ଶୁଣିଲେ କାଳ, ଦେବେ ଶୁଣ ଆରେ ବନମାଳ (ରେ)
ଭଲ କହୁଛି କର ମୁଁ, ଅଳରେ ନ ଲାଗ ମୋ ସଙ୍ଗେ । ୨ ।
(ବୈଷ୍ଣବପାଣି)

(ବହରେ ଧୀରରେ ବସନ୍ତ ଆଜି—ରୂପକ)

(୧୮) ସଙ୍କେତ କାଲି ମୋର ଗଳା ମାଳ
କାଳନ୍ଦୀ ଗମ୍ଭୀର ଜଳେ ହଜିଇଲି । ପଦ ।
କରେ ଧରିଥିଲି ପୀୟୂଷର ଥାଳ
କାଳିପରେ ଜାଣୁ ଜାଣୁ ଢାଳ ଦେଲି
ଦେଲି ଯା ଫିଙ୍ଗି ପାଦରେ, ଅତି କ୍ରୋଧରେ,
ନ ଗ୍ରହି ବଦନ ଅନାଦରେ, ବିଷାଦରେ,
ଏବେ ହେଉଅଛି ଭୁଲ । ୧ ।
ସେହିଣ ଶଙ୍କର ଚିହ୍ନା ପଦ୍ମରେ
ଲଭି କଣ୍ଠହାର ପିନ୍ଧିଲି ଆଦରେ
ଦେଇ ବସିଲି ଶ୍ରୀହରିଙ୍କୁ, ମଣିହାରକୁ
ଅସାର ପଙ୍କ ମଣି ସାରକୁ, କ୍ଷୀରକୁ,
କ୍ଷୀର ସଙ୍ଗରେ ମିଶାଇଲି । ୨ ।
(ବୈଷ୍ଣବପାଣି)

(ଆହେ ମୋହନ ଫେରିଯାଅ କୁଟିରୁ)

(୨୯) ବାଜଇ ଲୋ ସହି ନିକୁଞ୍ଜ ବନେ ବଂଶୀ । ଘୋଷା ।
ଶୁଣି ମୁରଲୀ ଗୀତ,, ଅଧୀର ହୁଏ ଚିତ୍ତ
ବୈକ୍ଷଣ ଯାକ, ହଜଇ ଲୋ । ୧ ।
କଣ୍ଠା ବାଉଁଶ ଖଣ୍ଡ, ଦେଲାଣି ଏଡ଼େ ଦଣ୍ଡ
ଭଣ୍ଡ ଗୀତରେ କୁଳ, ମଜ୍ଜିଲା ଲୋ । ୨ ।
କଲାଣି ଜାତ ନାଶ, ଏଡ଼େ ତାର ସାହସ
ଲାଜଭୟକୁ ଦୂରେ, ତେଜିଲା ଲୋ । ୩ ।
ବ୍ରଜପୁରେ ଯୁବତୀ, ନାହାନ୍ତି କେତେ ଜାତ
ମୋ ନାମକୁ ସେ ଜଡ଼, ଭଜଇ ଲୋ । ୪ ।
(ବୈଷ୍ଣବପାଣି)

(୩୦) ଏ ପଥେ ଯାଇଛି ପରା ମୁରଲୀଧରଙ୍କ ମୋ ହୃଦ ପସରା ।
ପଡ଼ିଛି ଚରଣ ରେଖା, ରହିଛି ଲେଖା,
ଧ୍ୱଜ ବଜ୍ର ମୀନ ଅଙ୍କୁଶ ଭରା । ଘୋଷା ।
ଝିକ ଝିକ ପାଦ ଯୋଡ଼ିକ, ଅତସୀ କୁସୁମ ବାସ୍ନକ
ବ୍ରଜଧୂଳି ବୋଳା ହୋଇଥିବ, ଦଶୁଥିବ ଘନ କମଳ ପଞ୍ଚ,
ସତେକି ହୋଇବ ମୋର, ସେ ପାଦ ସେବାର
ଭଜନ କଲେ ମନରଥର । ୧ ।
ବ୍ରଜଧୂଳି ତୋପରି ମୋର, କେଉଁଦିନ ହେବ ଶରୀର
କେଉଁଦିନ ନଟନାଗର, ରସିକବର ସେ ମୁରଲୀଧର
ନାଚିଯିବ ଜାଣି ବାସର, ଉରବ ମୋର,
କରବ ସ୍ନେହର ଲବଣୀ ଶ୍ଳେଷ । ୨ ।
(ସୁରେନ୍ଦ୍ର ନାଥ ଘୋଷ

(କାହ୍ନୁପାଇଁ ନନ୍ଦରାଣୀ ଚଳନ୍ତୁଅ ଏତେ ଦୂରେ ।)

(୩୯) ରାଧିକା—ଏକାହ୍ନୋଇ କାହିଁପାଇଁ ବସିଛୁ କହ୍ନାଇ
ଖରାବେଳେ ତୋହର ସଙ୍ଗତେ ନାହିଁ କେହ୍ନ (ମୋ)
ବଂଶୀବଦନା ରେ, ମନମୋହନା ରେ । ୧ ।
ଶ୍ରୀକୃଷ୍ଣ—ଗୋପାଳ ବାଳକ ମେଳେ ଖେଳୁଥିଲୁ ବସି
ସେ ସ୍ଥଳ କେ ଯେବେ ଗଲା ଆସି ମୋର ବଂଶୀ (ମୋ)
ବିଧୁବଦନା ରେ, ଗଜଗମନା ରେ । ୨ ।
ରାଧିକା—କେ ନେଲା ତୋ ବଂଶୀ ଗୋଷ୍ଠ ଅଟେରେ ବଂଶୀଧର
ମୁରଲୀ ବହନେ ମୁଖ ଶୁଖାଇଛୁ ପର (ମୋ)
ଜୀବଜୀବନ ରେ, ମଧୁସୂଦନ ରେ । ୩ ।
ଶ୍ରୀକୃଷ୍ଣ—ଖଡ଼ିକାର ଡ଼ାକାଇ ମୁଁ କରଇ ଗଣନା,
ବଂଶୀ ଚୋର ପାଶେ ଅଛି ଧଅ ଚନ୍ଦ୍ରାନନା, (ମୋ)
ବିମ୍ବାଅଧରା ଗୋ, ନବକୁନ୍ଦରଦା ଗୋ । ୪ ।
ରାଧିକା—ଏଡ଼କ ଧୃଷ୍ଟ ଅ ତୁରେ ନନ୍ଦର କୁମର,
ମୁରଲୀ କେଉଁଣେ ହରାଇ ମୋତେ ଧରୁ ଚୋର (ତୁ)
ସତ କହିଲୁ ରେ, ମୋ ଚିତ୍ତ ମୋହିଲୁ ରେ । ୫ ।
ଶ୍ରୀକୃଷ୍ଣ—ମିଛ କହନାହିଁ ସଖି ରଖିଅଛୁ ତୁହି
ମୋର ପ୍ରିୟ ବଂଶୀ ଥିଲେ ମୋତେ ମିଳିବଇଁ (ମୋ
ଗଳାମାଳକାରେ, ଧନପାଳକା ରେ । ୬ ।
ରାଧିକା—ହଟିଆ ନାଗର ମିଛେ ହଟ ତୁ ନ କର
ଫେରିଯାଅ ଗୋପିଙ୍କ ପାଲଟାଲୁଗା ଚୋର (ତୁ)
ମିଛେ ବଢ଼ାନା ରେ, ଢଙ୍ଗ କାଢ଼ନା ରେ । ୭ ।
ଶ୍ରୀକୃଷ୍ଣ—ନବରଙ୍ଗି ମୋର କେତେ ନବରଙ୍ଗ ଜାଣୁ,
ଏହାକହୁ ମୁରଲୀକ ଅଣ୍ଟା ଦେଖିଲେ କାହ୍ନୁ (ମୋ
ରାଧା ନାମ ସ୍ୱରେ, ବାଜ ବଂଶୀ ଥରେ । ୮ ।

[ସୁରେନ୍ଦ୍ରନାଥ ଘୋଷ)

(ରେ ମନ ବାଇ-ବୃତ୍ତେ ।)

[୩୨] ଜ ମୋହନମନ୍ତ୍ରର କର ଜାଣୁରେ, ଜଳାକାନ୍ତ ।
କଳଙ୍କିନୀ ବୋଲି ରଟାଇଲୁ ବ୍ରଜେ, ଦଶା ବସିଲଣି ଧନ୍ ଧନ୍ ।ଘୋଷା
କ୍ଷୀଣ ହେଲା ତନୁ ଖଣ୍ଡିଳ ଖଳ, କ୍ଷୀର ସଙ୍ଗେ ଖାର ମିଶାଇଲୁ ।
ଖଳଚନ୍ଦ୍ର ମୋଟେତ, ଖଳବୁଦ୍ଧିଦେଲୁ, ଖୁର ଧର ଗଳେ ଲଗାଇଲୁ ।ଧି
ଗଲା ନାହିଁ ଯାହା ମୋ ଜୀବନ, ଗଞ୍ଜଣା ସହିବ କେତେଦିନ ।
ଗରଳ ଗିଳି ମୁଁ ଜୀବନ ହାରନ୍ତି, ନ ସହନ୍ତି ଗୁରୁଜନ ଗାଳି । ୨ ।
ଘୋର ଦୁଃଖ ଦେଲା ବଂଶୀ ତୋର, ଘରେ ନ ରହିଲା ମନ ମୋର ।
ଘେନ ଆସି ପାଶେ ଲୁଗ୍ରଲ ରଖାନ୍ତେ, ଡାକଦେଲୁ ରାଧା୨ ବୋଲି ॥
ଅଚ୍ଛନ୍ତି ଗୋପିକା କେତେ ବ୍ରଜେ, ମୋର ନାମ ଧର ନିତ୍ୟେ ବାଜେ ।
ବୋଲେ ସୁରଚନ୍ଦ୍ର, ମୋହର ରସନା, ଭଜେ ଦଧାନଶି ସୁଧାବୋଲି ।୪।

(ଯାହାହେବାର ହେଉ-ବୃତ୍ତେ)

[୩୩] ସାଧେ କାଳି ଛାଡ଼ ଗୋପପୁର, ଯିବେ ଜୀବନବନ୍ଧୁ ତୋର ।
ହରଗଲା ଆମ୍ଭର ସମ୍ପଦ, ଭିରଧର୍ଣ୍ଣ ଭଜବ ପଦ
ଏବେ ପଡ଼ିଲା ଘିରେ ଅମ୍ଭର । ୧ ।
ମନୁତେଜ ପଡ ପୁଞ୍ଜ ଧନ, ଭଜ ବେନୁପାଣି ଭଣ୍ଡିଧନ
କରଥିଲୁ ହର ନେବେ ସ୍ନେହ । ୨ ।
ଏତେ ଦଗାଦଆ ବୋଲି ଯେହ୍ନ, ଅଗେ ଜାଣିତ ନ ଥିଲୁ ସହି
ଦେବେ ବୋଲି ଅମ୍ଭ ଗଳେ ଡୋର । ୩ ।
ଦୟାନିଧି ନାମ ସେ ବୋଲାନ୍ତି, ଦୟା ଛାଡ଼ ମଥୁରା ପଳାନ୍ତି
ସ୍ନେହକର ତହିଁକୁ ଅସ୍ମର । ୪ ।

[ବୈଷ୍ଣବପାଣି]

(ଅଜ୍ଞାନ ତମିରେ-ବୃତ୍ତରେ ।)

[୩୪] ଭୁବେଷେ କେ ରସିକ ବର ରମଣ ପାଶ୍ବରେ,
ବସେଣେ ଗୁରୁହାସି ଚନ୍ଦ୍ରମୁଖ ଦରସରେ ଗୋ ୧ ।
ଯାମୀମୁଖି ଦେଖ ସୁଖ ନଶା ହେଲା ଶେଷ,
ଅସ୍ତଯାଏ ଚନ୍ଦ୍ର ଭାନୁ ଉଦଦ୍ଧେ ଆକାଶ ଗୋ । ୨ ।
ଦକ୍ଷିଣ ଦିଗରୁ ମନ୍ଦ ମଳୟ ବହିଲା,
ନାନା ଶୁବାସ ଫୁଲ ମନକୁ ମୋହିଲା ଗୋ । ୩ ।
ଲୁଚିଲେ ତାରକାଦଳ ଦିନକର ତେଜେ,
ରକ୍ତ ବର୍ଣ୍ଣ ଧରି ରବି ପୂର୍ବଦିଗେ ଉଜେ ଗୋ । ୪ ।
ନାରୀମାନେ ତେଜି ନିଜ ନିଜ ପୁରୁଷଙ୍କୁ,
ଦୁଷ୍ଟ ବେଶ୍ୟା ପାଶୁଁ ଗଲେ ଆପଣା ବାସକୁ ଗୋ । ୫ ।
ନିଶା ଶେଷହେଲା କୋଇଲେ ଆସ ସୁବଦନୀ,
କହେ ସୁରଇନ୍ଦ୍ର ଆଶା ନ ଭାଙ୍ଗ ସଜନ । ୬ ।

(ଚାହୁଁଲ ମନ ଭଜ ବ୍ରଜବୃନ୍ଦ ଜଗତଜନଙ୍କୁ-ବୃତ୍ତରେ)

(୩୫) କାଳିଆ କାହ୍ନୁ ତେଜିଲେକି ସଜନୀ ମୋତେ
କ୍ଷୀଣ ହେଲି ଚନ୍ଦନ ଲାଗି ନିରତେ । ଘୋଷା ।
ବିରମ ମୋହର ମନ, ମନ ବନ୍ଧ ପାଶ୍ବ ଦ୍ଵନ୍ଦ,
ଛନ୍ଦକଲେ କଳାଚାନ୍ଦ ମୋର ସଙ୍ଗତେ । ୧ ।
ତ୍ରିଭଙ୍ଗ ମୂରତି ଦେଖି ସଫଳ କରନ୍ତି ଆଖି
ପୋଡ଼ା କପାଳେ ଲେଖିଛି ଯା ଦୁଃଖ ଏତେ । ୨ ।
ଗୀତ ରଚେ ସୁରଇନ୍ଦ୍ର, ହୃଦରେ ଗୋକୁଳଚନ୍ଦ୍ର,
ଶ୍ରୀରାଧା ସନ୍ନ ଗୋବିନ୍ଦ ମିଳୁ ତୁରତେ । ୩ ।

(ତୁମ୍ଭେ ନ ଜାଣିବ ପୀରତି ସୁଖ ହେ କଳାରସିକ—ତୁଟେ ।

(୩୬) ସରଗଲ ପ୍ରିୟ ସ୍ୱଜନ, ଶ୍ୟାମ ପ୍ରୀତିରେ ପଡ଼ ।
କାଳିଆ ନାଗକୁ, ଧରି ଗଳାରେ ବାନ୍ଧିଲ ଭିଡ଼ ।୧।
ସେ ନାଗ ବୁକୁଟିରେ ବସି, ଦଂଶି ପ୍ରାଣ ନେଲା ଶୋଷି ।
ନ ଚାହିଁବ କଳା ଶଶି ମୁଖ କେତେବେଳେ ହୁଡ଼ ।୨।
ନ ଶୁଣିବ ଆଉ କାନ, ମୋହନ ମୁରଲୀ ତାନ,
ନ ଯିବ ଯମୁନା ପାଣି ସଖୀଗଣ ସଙ୍ଗ ଛାଡ଼ ।୩।
କଳାମେଘ ଘୋଟିଥିଲେ ନ ଗଲିବ ତାହା ତଳେ
କଳା ପୁରୁଷ ଦେଖିଲେ ନ ଯିବ ତା ରୂପେ ଜଡ଼ ।୪।
ସୁରଇନ୍ଦ୍ର କହେ ଭଲ, ତୋ ନୟନ କଳା ଡୋଳା,
କାଳିଆର କଳା ମାଳା କହନ ଦେବୁଁକି ତାଡ଼ ।୫।

(ସଖି ବଳାନା ଗୋ ମୋତେ ଯମୁନା ଯିବାକୁ—ତୁଟେ ।)

(୩୭) ନବ ରସିକାରେ ନ ପାସୋରିବୁ ମନରୁ
ନବ ଯୁବାକାଳେ ତହ କଢ଼ାଇଲୁ ସବୁ (ମୋତେ) ଘୋଷା ।
ନୂଆ ଫୁଲଅଛି ଫୁଟି, ଆନ କେ ନବରେ ଲୁଟି
ନଳିନାକ୍ଷି ନ ତେଜିବୁ ଲୀର ନୟନରୁ ।୧।
ନୂଆ ପ୍ରୀତି ଫାନ୍ଦେ ପଡ଼, ନ ଯିବୁ ମୋ ସଙ୍ଗଛାଡ଼ି
ନ ଦେବୁ କାହାକୁ ଯୋଡ଼ ତାଙ୍କମ୍ବ ବଛରୁ ।୨।
ନାହିଁ ମୋ କରମେ ଯୋଗ, ଜଣିରେ କରନ୍ତି ଭୋଗ
ନ ଗଲା ପଦ୍ମଣ ଯାହା ଛାଡ଼ ମୋ ଚିତ୍ତରୁ ।୩।
ନ ଧରିବୁ ମୋର ଦୋଷ, ଯାଉଛି ଦୂର ଦେଶ
ବୋଲେ ସୁରଇନ୍ଦ୍ର କ୍ଷମା ଲେଖିବ ସେଠାରୁ ।୪।

(୩୮) ଅଗୋ ପ୍ରିୟସଖି,

ମୋର ଆଖି ଲାଖି ଗଲା ଦେଖି ସେ ପ୍ରେମ ମୂରତି !
ରଖି ନ ପାରିବି ଆଉ କୁଳଶୀଳ ମାନ ହୃଦ
ହେଉଛି କରତି ମୋର । ଘୋଷା ।

ଦୁଃଖୀ ମୋହଠାରେ କେହି, ଦେଖିଲି ଜଗତେ ନାହିଁ
ସାକ୍ଷୀଥାଅ ତୁହି
ଛୋଡ଼ି ଦେବି ଦେଷ ନାହିଁ ମନେ ଭ୍ରାନ୍ତି । ୧ ।

ଯେବେ ସେ ନାଗରବର, ପ୍ରାଣଧନ ହେବ ମୋର
ଦେଇ ଉପହାର
ଜାଳି ଜାଗର ପୂଜିବି ଉମାପତି । ୨ ।

ପସିଣ ସଙ୍ଗିନି ତୁହି ଲେଖା ଖଣ୍ଡେଦେବୁ ନେଇ
କହିବୁ ବୁଝାଇ,
ସେହି ମନ୍ତୁ ଯେପରି ନ ପାଶୋରନ୍ତି । ୩ ।

(ବୈଷ୍ଣବଦାସ)

(ତାଳ ଏକତାଳ ।)

(୩୯) ଜୀବନବନ୍ଧୁ ମାଗୁଣି, ମାଗୁଛି ରେ ଏତିକି,
ନାହିଁ କରିବୁ ନାହିଁଟି, ମୋ କଲ୍ୟ ଦନତଳେ। ପଦ ।
ନଗ୍ନ ଚରମେ ବେଣୀ, ବଜାଇ କଟି କିଙ୍କିଣୀ,
ଭୁଲାଇବୁ ସ୍ବହିଁ ମୋତେ ବୁଲ୍ଲିକରି ମତିକି । ୧ ।
ସ୍ତନରୁଲେ ହ୍ବସ ହାସ, ତାଙ୍କ ଝଲକ ଝସ
ଦେଖାଇ ଅଙ୍ଗେ ମହଁଲା ଜଡ଼ାଇବୁ ସତେ କି । ୨ ।
ସୁରଙ୍ଗ ଅପାଙ୍ଗ ଲୀଳା, ଢଳେଇ ଭ୍ରୂ ବଙ୍କିଖେଳା
ଚଳାଇବୁ ଦପସ୍ତେ, ନ ଲାଗିଲ ବଢ଼ାଇ । ୩ ।
ଦୁଃଖରୁ ଉଦ୍ଧାରିବାକୁ ଥିଲେ ଗୋପାଳ କୃଷ୍ଣଙ୍କ
ଅଙ୍ଗୀକାର କର ଧରେ ପଡ଼ିଥାଅ ଦୂରିକି । ୪ ।

(ପରଦେଶି ସମୀରଣ—ଝୁଟେଉ୍ ।)

(୪୦) କେଣେ ଗଲେଁ ଦେଖ ସଖି ନକୁଞ୍ଜରାଣୀ
ହୃଦେ ଥିଲେ ଲୁଷିଥାନ୍ତି ମୋ ଦୁଃଖ ବାଣୀ
ଅଣି ଦେବୁଟି କି ସତେ   ସେ ନବନାଗର ମୋତେ
ଦେଖି ଯେବେ ଜୁଡ଼େ ତୋନେ
ଜୀବଜୀବନୀ । ଘୋଷା ।

ଅଜଡ ଶୋଭ୍ ଧରେ କୁଞ୍ଜବନଟି
କାକ କି କୋକଳ ସ୍ୱନ ଶୁଭେ ନାହିଁଟି
ଅକୁଳ ହେଉଛି ମନ,   ଦେଖିବି କି ମୋ ନୟନ
ନ ଦେଖିଲେ ଏ ଜୀବନ
ଯିବଟି ପୁଣି । ୧ ।

କଏ ଲୁଞ୍ଚାଇ ଦେବଟି ବଡ଼ଅ ଯାନ,
ଅଙ୍ଗରେ କେ ବୋଳ ଦେବ ଚୁହା ଚନ୍ଦନ,
ନାନା ପୁଷ୍ପରେ ସଜାଇ   ମୋହିବ ମନ ମଜ୍ଜାଇ
ତା ଗୁଣଲୁ ଝୁରି ହୋଇ,
ଷର ଗଲଣି । ୨ ।

ଯାଅ ସଖି ଅଣ ମୋ ପରାଣ ପ୍ରିୟାଙ୍କୁ
ପାରକର କଷ୍ଟରୁ ମୁରଲୀଧାରଙ୍କ
କୃଷ୍ଣବାଣୀ ପୁଣି ସସ୍ମ   ଅସ୍ଥିର ହୋଇଲେ କାହ୍ନୁ
ଅଣିଦେବ କହ୍ନୁ ଯାଇଁ
ବଇଷ୍ଟ ଭଣି । ୩ ।

ବୈଷ୍ଣବପାଣି

(ସ୍ୱର ଭୁଞ୍ଜିକାନନେଯିବା ଠେଁଗା କଣୋର ତୃତେ୍ୱ)

(୪୧) କହରେ ପ୍ରାଣ ସଜନି, କାନ୍ହ ମୁରଲୀପାଣି,
ରସିଥିଲେ କା ରସରେ ରଖାଇଲା କେ ରମଣୀ । ଘୋଷା ।
ଅଧୁଛନ୍ତି ଢଳ ଢଳ, ଅଧରେଂ ଲାଗିଛି କାଳ
ଚୁଡ଼ୀଚନ୍ଦ୍ର କେଉଁ ଆଳୀ ଦେଇଅଛି ବାନ୍ଧିବେନ । ୧ ।
ଛୁଟେ ଶୋହେ କଣ୍ଠହାର, ଦେଇଛି କେ ସମ୍ବର,
କୁଙ୍କୁମେ ରଙ୍ଗା ଅଧର ରଙ୍ଗାଇଲେ କାନ୍ହୁ ଆଣି । ୨ ।
ଏ ନୁହଇ ନିଜବାସ, କେ ନେଲା ତାଙ୍କର ବାସ,
କାହିଁକି ମନେ ନିରସ ମୁଖ ଶୁଖିଯାଏ ପୁଣି । ୩ ।
ମିଛେ ଭଙ୍ଗାଗରେ ବସି, ବସି ପାହିଗଲା ନିଶି,
ସୁରଇନ୍ଦ୍ର ଗ୍ରୀତେ ଭାଷି ମନେ ଧାଇ ପାଦ ବେନି । ୪ ।

(୪୨) ହାତଗତ ତୋ ସ୍ୱଲକ ଗୋ, ଦେଖି ଅଖି ରହିଲା ଲଖି,
କେତେକକରନା, ନିବଣ କରନା, ଯେନବଦନ ଉ ସଖି (ମୋର) ଘୋଷା
ମରମକୁ ଯୋଖି ମୋର, ମାରୁଅଛି ପଞ୍ଚଶର,
କୃପାସୁଧା ଦାଉ, ବରଷ ନାଗରୀ, ମନେ ସୁଦୟା ରଖି (ରେସଖି)।୧
ସୁମିଷ୍ଟ ଆହାର ପାଇଁ ଗୃହିଁ ମୁଁ ବସିଛି ସହ
କ୍ଷୁଧାର୍ଥୀ ଜନକୁ, ପ୍ରଦାନ ନ କଲେ, ତୋର ସରିଯିବ କି । ୨ ।
ଚିତ୍ରଭିତ୍ତି ହସି ଅସି, ଯାନୁପରେ ମୋର ବସି,
ନବରସେ ରସି, ମନମୋର ତୋଷି, ଲଗାଅ ଆଖି ଆଖି । ୩ ।
ସୁନ୍ଦର ଅନ୍ତର ତାପ, ଜୈଂପ କୋଣ ତା ଦର୍ପ
ରଣେଦେଇ ଭଙ୍ଗ, ଲୁଚିରେ ଅନଙ୍ଗ, ସୁର ହୋଇବ ସୁଖୀ ।୪।

(୪୩) ସରଗଲା ତୋହରନୁ ଝୁରି ଝୁରି ନାଗର,
ମରମକୁ ବୁଝାଇଣି ତାରି ମାରଇ ପଞ୍ଚଶର । (ଘୋଷା)
କାଳାମଣି ଆଜ ତୁହି ନ କଲେ ପ୍ରତିକାର,
ବାସ ନାଶ ଗଲା ନଷ୍ଟେ ଧରୁଛି ପାଣି ତୋର । ୧ ।
ଅନୁଭବେ ତା ନୟନୁ ଝରଇ ନୀର ଧାର,
ଅନୁସରି ବସିଅଛି କାହ୍ନୁ କୁଞ୍ଜ ଦୁଆର । ୨ ।
ଶୁଣି ବୃଷଭାନୁଯେମା ଦୂତିକାମୁଖୁ ଗିର,
ହୋଇ ନାନା ବେଶଭୂଷା ଭେଟିଲେ ବଂଶୀଧର । ୩ ।
ସୁରଲନ୍ତ୍ର ଧ୍ୟାନକରେ ସଦା ହୃଦପଦ୍ମର,
ସେବାଯୋଗ୍ୟ ହେବ ସତେ ସେ ଯୁଗଳ ପଦ୍ମର । ୪ ।

(୪୪) ଅଗୋ ପ୍ରିୟସଖି, ନଦେଖିଲୁ ବୋଲ ମନେ ଶୋଷବହି
ପାସୋରିଲେ ମନୁ ତୋତେ ବଂଶିଧର, ଏବେ ଲୋଡ଼ିଲେ ପାଇବୁ
ଆଉ କାହିଁ । ଘୋଷା ।
କରଧରି ଯେତେ ବେନୁପାଣି, ଭଣିଲେ ଅମୀୟ ରସବାଣୀ
ଜାଣି ଶୁଣି ଫିଟି, ଦେଲୁ ତୁ ପାଣିକି, କାଳଅମଣି
ହଜିଗଲା କାହିଁ । ୧ ।
ମିଛେ ନୟନରୁ ତେଜୁ ନୀର, ଫେରି ପାଇବୁକି କଣ୍ଠହାର,
ସୁନାରି ଯେ ଥିଲା ସୁନା ସେ ଡାକିଲା, ତୋଳି ଘେନିଗଲା ତାରିପୁର । ୨ ।
କେତେ କେତେ ତପ ଥିଲୁ କରି ପ୍ରବଳ ହୋଇ ସେ ଶିପୁଗିରି
ଘେନାଇଲେ ଆଣି, ତେଣୁ ଉକ୍ତିଲେ ପୁଣି, କେବାସେଦଗଲା ଛେଉକରି । ୩
ଛାଡିଗଲେ ହରି ମଧୁପୁରି, କଂସରାଜା ଦେଖିଲା ନଗରୀ,
ଅନ୍ଧାର ହୋଇଲା ଆଜି ଗୋମର. ଗୋକୁଳ ଚନ୍ଦନେଲା ଅକ୍ରୁର ।୪।
ଏବେପରି ଯେତେ ବ୍ରଜନାରୀ, କରନ୍ତି ରୋଦନ କରି ହରି
ଆଜି ବଇଷବ ହୋଇଲା ଅନାଥ, ପାଇବୁକି ସତେ ବଂଶୀଧାରୀ । ୫ ।

(ଏ ରସେ ରସିକ ମନ ବୁଝେ)

(୪୫) ଅଶାଦେଇ ନବଘଣ ତୁ କରନାହିଁ ଗୋ
ଛୁଆଁଇ ଜିନକୁ ପ୍ରାଣେ ମାର ନାହିଁ ଗୋ (ଘୋଷା)

ଖାଇବାରେ ଅଶାମୋର, ବଳାଇଛ ସମାବର,
ଧର୍ମ ଅଧର୍ମକୁ ତୁଳ ନାହିଁ ସହ ଗୋ । ୧ ।
ସୁନିଷ୍ଟ ଅଧାର ଦେଖି, ବସିଅଛି ଗୃହିଁ ଗୃଖି ।
ତୋ ହରଜ ପରେ ଅଖି ଲଖି ରହ ଗୋ । ୨ ।
ଲେଉଟି ନ ଅସେ ଅଭ ଏ ଜୀବନ ଥାଉ ଥାଉ
ତୋରୂପ ମନୁ ମୋହର ଯାଉନାହିଁ ଗୋ । ୩ ।
ମାରୁଅଛ ପୁଷ୍ପବାଣ, ଦହେ ମୋ ହୃଦସ୍ତ ବନ
କୃପାମ୍ବୁଧା ଝର ଢାଳେ ଢାଳ ତୁହ ଗୋ । ୪ ।
ଲକ୍ଷେ ଚମ୍ପା ଶମ୍ଭୁ ଯିଛିନ ଘପଦାନ ଲାଗିକରେ
ପଦ୍ମାଙ୍କ ଝର୍ଣ୍ଣେ ସ୍ନାହାନ ଯେ କରଇ ଗୋ । ୫ ।
ବସେ ସୁରଲକ ଭଣି; ତୋପଦ ନାଗମଣି
ଛଶିବନେ ଅଙ୍ଗ ସଙ୍ଗ ପାଏ ସେହୁ ଗୋ । ୬ ।

→ ୦ ←

(ନନ୍ଦ ଦୁଲାଳଙ୍କୁ ମୋର ବୁଝେ)

(୪୬) ଗୃଲ ବୃନ୍ଦାବନେ ଦେଖିବା ସଙ୍ଗିନୀ
କ ରଙ୍ଗରେ ଝୁଲୁଛନ୍ତି ଚକ୍ରପାଣି । ଘୋଷା ।

ବାମେ ବାନ୍ଧଛି ଚୂଡ଼ା, ଶିଖି ଶିଖଣ୍ଡ ଚୂଡ଼ା
ଗଳେ କୌସ୍ତୁଭ ଲନେ ନଗାମଣି । ୧ ।

ନୟନେ କଜ୍ଜ୍ୱଳ ଶୋଭା, ଶୋଭା ଦିଶୁଅଛି ତାର
ନାସାପୁଟେ ଝୁଲଇ ନାସାମଣି । ୨ ।

ଅଧରେ ମୋହନ ବଂଶୀ, ଗାଉଅଛି ବଜାଉଛି
ରାଧା ରାଧା ବୋଲି ନାମ ଧରି ପୁଣି । ୩ ।

ହୃଦେ ଲମ୍ବେ ବନମାଳ, ଚମ୍ପା ମାଳତୀ ବକୁଳ
କିଆକେତକୀ କୁସୁମ ଗନ୍ଥଣୀ । ୪ ।

କଟିତଟେ ପୀତବାସ, ମୁଖରେ ମଧୁର ହାସ
କଙ୍କିଣୀ ଶବଦେ ମନହରେ ଭଣୀ । ୫ ।

ଭୂଣଙ୍ଗଣ ମନୋହର, ପାଦରେ ବାଜେ ନୂପୁର
ହୃଦେ ଚନ୍ଦ୍ର ବଇଷ୍ଣବ ପାଦଚିହ୍ନ । ୬ ।

(ଜଣା ପଡୁ ନାହିଁ ଆଉ ଚେହ୍ନ ବୁଝେ)

(୪୨) କହ ମନ କାହିଁରେ ତୁ ପଡ଼ି ଭୁଲିଲୁ କି ।
ରାଧାଶ୍ୟାମରସ କଥା ବଦନେ ଭଜିଲୁ ନାହିଁ କି । ପଦ ।

ଏ ଘୋର ମାୟା ସଂସାର, କେହି ନୁହେଁଟି କାହାର,
ଚିରନ୍ତନ ଜୀବନର ଭାବିଲୁ ନାହିଁ ମନେ କି । ୧ ।

ଏ ଧନ ସମ୍ପଦ ସୁତ, ଦେଖି ମନ ପୁଲକିତ,
ସବୁ ବୋଲୁ ମୋହରତ ସଙ୍ଗେ ନୋହିବ ତୋର କି । ୨ ।

ଯାନ୍ତ୍ର ଶୀତଳର ପରି, ଲାଗିଅଛି ଧରାଧରି,
ଉଡ଼ିଲା ପକ୍ଷୀ ଯେପରି ଜୀବ ଯିବ ବାହାରି କି । ୩ ।
ଚେତ କି ତୁ ମାୟା କର୍ଦ୍ଦେ, ନାନାମତ ଛନ୍ଦବନ୍ଧେ ।
ରାମଚନ୍ଦ୍ର ବୋଲେ ଭଜ ସେ ମୋହନ ମୁରଲୀକି । ୪ ।

(୪୮) ଚାଲ ଚାଲ ସଖି ଗଣ, ଚାଲ ଯିବା ବହନ
ଉପବନ ଶୋଭା ଦେଖି, ଅଣିବା ଚଙ୍ଗା ସଦନ (ପଦ)

ନାନା ଜାତି ଫୁଲ ଫୁଟିଛି କାନନେ, ଗୋଟି ଗୋଟି କରି ତୋଳିବା ଯତନେ,
ଦିଶୁଛି ଏ ଉପବନ ଦେଖ ଅହେ କେମନ । ୧ ।
କେତେ କୁସୁମରୁ ଅପହରି ଗନ୍ଧ, ବହୁଛି ସମୀର କେତେ ମନ୍ଦ ମନ୍ଦ,
ସ୍ନେହ ବଶ ନେଉଛି ମନ ଧୀରେ ଧୀରେ ପବନ । ୨ ।
ଆକାଶ ମଧ୍ୟରେ ଶଶାଙ୍କ ସୁନ୍ଦର, ତାରାଗଣ ମଧ୍ୟେ ଯେତେକ ମନୋହର
କର କର ଦରଶନ ଏହା ସବୁ ସଦନ । ୩ ।

(୪୯) ଆଜ ଫେରିଯାଅ ମୋର ପାଶରୁ ହେ, କପଟିଅଙ୍କର ଗୁରୁ ।
କପଟପଣରେ, ରହ ଗୋପପୁରେ,
ଦହି ଦୁଧ ଚୋରିକରୁ ରେ । ଘୋଷା ।

ଚନ୍ଦ୍ରାବଳୀନାଥ ବୋଲି ତୁମ୍ଭ ନାମ ରହିଲା ଆଜଦିନରୁ ।
ତୁମ୍ଭର କପଟ ପୀରତିକି ମୁହିଁ ଯୁହାର କରୁଛି ଦୂରୁ ହେ । ୧ ।
ଭଲ ହେଲା ମୋର କରମ ଖୁଲିଲା, ଆଜ ଏ ଗୋପନଗରୁ ।
କଳଙ୍କ କାଳିମା ଛଡ଼ାଇବ ବୋଲି ବାସନା ଥିଲା ଅଗରୁ ହେ । ୨ ।
ନ ଦେଖି ନୟନ କଳାଶଶିମୁଖ ପାଶୋର ଯାଉ ମନରୁ ।
ନ ଶୁଣୁ ଏ କର୍ଣ୍ଣ ମୁରଲୀର ସ୍ୱନ ଢଳୁଛି ବନ ଦୁଆରୁଁ ହେ । ୩ ।
ଫେରିଯା ଫେରିଯା ହେ ରସିକରାଜ ଉଠି ମୋହର ଅଗରୁ ।
ଲୁଟି ନେଲ ଯେଉଁ ନାରୀ ଯଉବନ, କୁଟିଳ ମନ୍ତ୍ର କରୁ ହେ । ୪ ।

(କୋକଧ୍ୱନି ଲଅରେ ବୁଠେଉ)

(୫୦) ଅରେ ଜୀବଧନି, ଦାସ ଦୋଷ ନ ଘେନ
ଝାଷିହର ମୋର, ଲକ୍ଷ ରୁ ମଧୁର
ରସବନ୍ତୀ ଅଙ୍କେ ବସ ବହ୍ନନ । ଘୋଷା ।

କେତେ କହୁ ଲୁହ କହୁଁ ଛଦ୍ଧର
ରହିଥାଇ ମୁହିଁ ନାମକୁ ତୋର
ଚକ୍ଷପକ୍ଷପଇ ତୋ ରୂପ ମାଧୁରୀ
ଦେଖୁଥାଏ ମୋର ଦୁଇ ନୟନ । ୧ ।
ପ୍ରେମଶିଳା ମୋର ଗଳାରହାର
ପରଶଲେ ମୁହିଁ ହେବ କାହାର
ଛାର ଲତପତ ହୃଦ ଧଏ ଦର୍ଶି
ହାତଗତ ସୁହାଁ କେଉଁ ବଦନ ।୨।
ତୋ ପ୍ରୀତିକି ଆଶା କରିଛି ମୁହିଁ
ଆଶାରେ ନିରାଶା ନକର ଲୁହ
ମୁରଲିଧର କହ କାଲ ଥିଲେ ଯହିଁ
ସେହି ଅଟେ ତୋର ହୃଦୟ ରତନ । ୩ ।

(ଦୁଖ ଜର ଧରି ହରି ବୁଠେଉ)

(୫୧) ସଜ ସବେଳବେଦୀ ତେଜ ମନ ମାନ ଗୋ ।
(ଏବେ) ଛଳମଟନ ହେଲ ଧନ ମୁଚ କଣା ଜନ ଭୁଲା । ୧ ।
ଛାରଇମପତ ମୋର ଦହେ ହୃଦ ବନ ଗୋ,
ଧାରକର ଶ୍ରୀ ଚରଣେ ପଶିଲ ଶରଣ ଗୋ । ୨ ।

ତୃଷାତୁର ଅକୁଳ ହୋଇ ଅଛନ୍ତି ସଦନ ଗୋ,
ଯୋଷାମଣି ଦିଅ ତୋ ଅଧରୁଁ ମଧୁ ପାନ୍ତୁ ଗୋ । ୩ ।
ଦେଖ ଏ ଶରଦଶଶି ଉଦଏ ଗଗନ ଗୋ,
ଶରଦଚନ୍ଦ୍ର ବଦନା ମୋ ବନସ୍ତୁ ସେନ ଗୋ । ୪ ।
ତୋ ରୂପ ମାଧୁରି ସଦା ହରେ ମୋର ମନ ଗୋ,
ଝୁରି ଝୁରି ହୋମଭୋର ନ ସରେ ମୋ ଜୀବନ ଗୋ । ୫ ।
ଖୋଇଲୁ ପ୍ରୀତି ସୁଧା ଦେଖାଇ ରତନ ଗୋ;
ଶିଖାଇଲୁ ଗୁରୁପଣେ ସୁରତ ବିଧାନ ଗୋ । ୬ ।

→✻←

(କାହ୍ନାଙ୍କ ପଡବ ମଦନ ମୁଦ୍ଧି ତାଙ୍କର ବୃତ୍ତେ)

(୨) ପ୍ରେମପାଶେ ବନ୍ଧ ରଖ ଦମ୍ଭାଅଧର ଧର
ନୋହିଲେ କରୁଣା ମୋର, ଜୀବନ ଯିବ ବାହାର । ଘୋଷା ।

କୃପାସୁଧା ଝର ସେଣ, ଢାଳେ ମୋ ହାଲ ସଜନୀ,
ଶୁଣ ବୀଣା ଜଣା ବାଣୀ କେତକୀ ଗୋଷ୍ଠ । ୧ ।
ଅଧରୁ ଅମୃତ ପାନ, ଦେଇ ତୃଷା ହର ଧନ,
କେଉଁ କଥାରେ ଗୁମାନ କରୁ ନାଗରୀ । ୨ ।
ଦାସ ଯେବେ ଦୋଷୀ ତୋଠାରୁ ଶମ୍ଭୁରେ ହେଲ ହାଜର,
ଯାହା ତୋର ଇଚ୍ଛା ଦଣ୍ଡ ଦିଅ ଦଣ୍ଡିର । ୩ ।
ମୁରଲିନ୍ଦ ଯୋଡେ କର, ସେବକ ତୋ ଗଳାହାର
ମାଲୁ ଅନ୍ତର ନ କର ରାଜକୁମାରୀ । ୪ ।

→(✻)←

ସଙ୍ଗୀତ ମଧୁମାଳତୀ ।

ଏଥିରେ ନାନାପ୍ରକାର ସଙ୍ଗ-ସ୍ୱରିଣୀ ଯୁକ୍ତ ନୂତନ ନୂତନ ସଙ୍ଗୀତମାନ ସନ୍ନିବେଶିତ ହୋଇଅଛି । ନୂତନ ଓ ପ୍ରାଚୀନ କବିମାନଙ୍କର ଉତ୍କୃଷ୍ଟ ସଙ୍ଗୀତ ପୁସ୍ତକ ବହୁକଷ୍ଟ ସହକାରେ ସଂଗ୍ରହ କରି ପ୍ରକାଶ କରାଗଲା ସଙ୍ଗୀତପୁସ୍ତକ ଅତ୍ୟନ୍ତ ସରଳ ଭାଷାରେ ହୋଇଥିବାରୁ ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରି ଛାଡ଼ି ହେବ ନାହିଁ ।

ମୂଲ୍ୟ ପ୍ରତ୍ୟେକଙ୍କୁ ଟ ୦ ✓ ଦୁଇଅଣା ମାତ୍ର

କବି ବୈଷ୍ଣବପାଣିଙ୍କ ନାଟକ ।

ଶ୍ରୀବତ୍ସ ରାଜା ଗୀତନାଟ୍ୟ	ଟ ୦ ।✓	ହରିଶ୍ଚନ୍ଦ୍ର ସୁଆଙ୍ଗ	ଟ ୦ ।✓
ହରହଲହସା ଗୀତନାଟ୍ୟ	ଟ ୦ ।✓	ଅଭିମନ୍ୟୁ ବଧ ସୁଆଙ୍ଗ	ଟ ୦ ✓
ନବାଜିତ ରାଜପୁତ୍ର ,,	ଟ ୦ ।✓	ଲଙ୍କାବଣହରଣ ଯାତ୍ରା	ଟ ୦ ✓
ଅନାଥବାଳକ ,,	ଟ ୦ ।✓	କଳିକଉଥ ଭୋଳି	ଟ ୦ /
ମେଘନାଦବଧ ,,	ଟ ୦ ।✓	କର୍ଣ୍ଣରାଜା ସୁଆଙ୍ଗ	ଟ ୦ /
ଦଣ୍ଡୀପର୍ବ ,,	ଟ ୦ ।✓	ସଙ୍ଗୀତ ମଧୁମାଳତୀ	ଟ ୦ ✓
ଭଦ୍ୟସୁନ୍ଦର ,,	ଟ ୦ ।✓	ସଙ୍ଗୀତ କୁସୁମହାର	ଟ ୦ ✓
ବଳୀରାଜା ସୁଆଙ୍ଗ	ଟ ୦ ✓	ମାଡ୍ରାଅଣୀ ପୁଅମହୁଅ	ଟ ୦ /
ଦାର୍ଶ ଚନ୍ଦ୍ରିକା	ଟ ୦ ✓	ଲକ୍ଷ୍ମୀପୁରାଣ ସୁଆଙ୍ଗ	ଟ ୦ ।✓
ବସ୍ତ୍ରହରଣ ସୁଆଙ୍ଗ	ଟ ୦ /	ଦକ୍ଷଯଜ୍ଞ ସୁଆଙ୍ଗ	ଟ ୦ /୬

ନିମ୍ନଲିଖିତ ଠିକଣା
ପୋ: ଅ: ବୁଢ଼ନଗରୈଲ ।

ଶ୍ରୀ ଦ୍ୟାସମୋହନ ଦାସ ।
ଅର୍ଡ଼ର ସପ୍ଲାୟାର
ବଳରାମ ଦେଉଳ ।